## ଘରପୋଡ଼ି କ୍ଷତିଗ୍ରସ୍ତଙ୍କୁ ସହାୟତା

**ଟାଙ୍ଗୀ, ୬।୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରେ ଭୟାବହ ଅଗ୍ନିକାଣ୍ଡରେ ତିନି ପରିବାର ସର୍ବସ୍ୱ କ୍ଷତିଗ୍ରସ୍ତ ହୋଇଛନ୍ତି। ଖବରପାଇ ଟାଙ୍ଗୀ ସାଲେପୁର ବିଜେପି ନେତା ତଥା ଲୋକସେବା ଫାଉଣ୍ଡେସନର ଅଧ୍ୟକ୍ଷ ହିମାଂଶୁ କୁମାର ମହାନ୍ତି ପହଞ୍ଚି ଗୋଟିଏ ମାସର ରେସନ ସାମଗ୍ରୀ, ଜରିପାଲ, ବସ୍ତ୍ର ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ସମୟରେ ହୃଷୀକେଶ ସାମଲ, ସମରେନ୍ଦ୍ର ଷଡ଼ଙ୍ଗୀ, ଅନନ୍ତ ପାତ୍ର, କମଲେଶ ସାହୁ, ଆଶୀର୍ବାଦ କାନୁନଗୋ, ବିଷ୍ଣୁପ୍ରସାଦ ରାଉତ, ମାଧବ ମହାନ୍ତି, କୁନିଆ ବେହେରା, କୃପାସିନ୍ଧୁ ଦାସ, ଶଶିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମଧୁସୂଦନ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା

**ଚୌଦ୍ୱାର, ୬।୨(ସମିସ)**

ଗୋଟିଏ ପଟେ ଶିକ୍ଷାର ଭିତ୍ତିଭୂମି ବିକାଶ ନିମନ୍ତେ ପୂର୍ବ ସରକାର ଯେଉଁ ପଦକ୍ଷେପ ନେଇଥିଲେ ସେଥିରେ ବହୁ ଶିକ୍ଷାନୁଷ୍ଠାନ ନବୀକରଣ ହୋଇଥିଲା। ମାତ୍ର ହାତଗଣତି କିଛି ଶିକ୍ଷାନୁଷ୍ଠାନ ରହିଯାଇଥିବାବେଳେ ସରକାର ପରିବର୍ତ୍ତନ ଯୋଗୁଁ ତାହା ସମ୍ଭବ ହୋଇ ପାରି ନାହିଁ। ଫଳରେ ଏହିସବୁ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବା ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏମିତି କିଛି ସ୍କୁଲରେ ଛାତ୍ରଛାତ୍ରୀମାନଙ୍କୁ ମୌଳିକ ସୁବିଧା ମିଳୁ ନଥିବାବେଳେ ସେମାନଙ୍କୁ ସ୍କୁଲ ସଫେଇ କାମରେ ନିୟୋଜିତ କରାଯିବା ନେଇ ଅଭିଯୋଗ ହେଉଛି। କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଚୌଦ୍ୱାର ପୌରପାଳିକାର ୧୨ ନମ୍ବର ୱାର୍ଡ଼ ଅଧୀନସ୍ଥ




ମଧୁସୂଦନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ତୃତୀୟ ଶ୍ରେଣୀର ଛାତ୍ରୀ ସ୍କୁଲ ଘର ସଫେଇ କରୁଥିବାବେଳେ ଅସାବଧାନତା ଯୋଗୁଁ ପଡ଼ିଯାଇ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଛାତ୍ରୀଙ୍କ ମୁଣ୍ଡ ଫାଟି ଯିବା ଯୋଗୁଁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ କୌଶଲ୍ୟା ସିଂହ ଏକଥା ଜାଣିବା ପରେ ଡାକ୍ତରଙ୍କ ପାଖକୁ ନନେଇ ଛାତ୍ରୀଙ୍କ ଅଭିଭାବକଙ୍କୁ ଡକାଇ ପିଲାଟିକୁ ତାଙ୍କ ଦାୟିତ୍ୱରେ ଛାଡ଼ିଦେଇଥିଲେ। ପରିବାର ଲୋକେ ଡାକ୍ତରଙ୍କ ପାଖକୁ ନେଇ ଚିକିତ୍ସିତ କରାଇଥିଲେ। ଏହାପରେ ଛାତ୍ରୀଙ୍କ ପିତାମାତା ସ୍କୁଲକୁ ଆସି ପିଲାମାନଙ୍କୁ କାହିଁକି କାମରେ ନିୟୋଜିତ କରୁଛ ବୋଲି ପ୍ରଧାନଶିକ୍ଷୟିତ୍ରୀଙ୍କୁ ପଚାରିବା ସହ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଛାତ୍ରୀଙ୍କ ପିତା ଗଣେଶ୍ୱର ନାୟକ ଅସନ୍ତୋଷ ପ୍ରକାଶ କରି ସରକାରୀ ସ୍କୁଲରେ କୁନିକୁନି ପିଲାଙ୍କୁ କାମ କରାଉଥିବା କହି ପିଲାଙ୍କୁ ଏଠାରେ ପଢ଼ାଇବା ତାଙ୍କର ଭୁଲ ହୋଇଛି ବୋଲି କ୍ଷୋଭର ସହ କହିଥିଲେ। ପୁନଶ୍ଚ ସ୍କୁଲରେ କୌଣସି ପିଅନ ନଥିବା ଯୋଗୁଁ ପିଲାଙ୍କ ଦ୍ୱାରା ସଫେଇ କାମ କରିବାକୁ ପଡୁଥିବା ପ୍ରଧାନଶିକ୍ଷୟିତ୍ରୀ କହିଥିଲେ।

**ସ୍କୁଲ ଘର ସଫେଇ ବେଳେ ପଡ଼ିଯାଇ ଛାତ୍ରୀ ଗୁରୁତର**

ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ମୋଟ ୩୨ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ଜଣେ ସହକାରୀ ଶିକ୍ଷକ ଟ୍ରେନିଂରେ ଯାଇଥିବାରୁ ସମସ୍ତ ଦାୟିତ୍ୱ ପ୍ରଧାନଶିକ୍ଷୟିତ୍ରୀଙ୍କ ଉପରେ ପଡ଼ିଛି। ଉକ୍ତ ସ୍କୁଲରେ ତୁରନ୍ତ ଜଣେ ଶିକ୍ଷକଙ୍କୁ ନିୟୋଜିତ କରିବା ନିମନ୍ତେ ଅଭିଭାବକମାନେ ଦାବି କରିଛନ୍ତି।

## ପଣ୍ଡିତ କୁରାମଣି ପାଠିଶର୍ମାଙ୍କ ଶ୍ରାଦ୍ଧବାର୍ଷିକୀ



**ନେମାଳ, ୬।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତସ୍ଥିତ ଅଚ୍ୟୁତାନନ୍ଦଙ୍କ ଜନ୍ମପୀଠରେ ବିଶିଷ୍ଟ ମାଳିକା ଗବେଷଣା ପଣ୍ଡିତ କୁରାମଣି ପାଠିଶର୍ମାଙ୍କ ବିଂଶତମ ଶ୍ରଦ୍ଧବାର୍ଷିକ ପାଳିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ପ୍ରତାପ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ପ୍ରତାପ ସିଂ, ଆଇନଜୀବୀ ନାରାୟଣ ଦ୍ୱିବେଦୀ, ଅରୁଣ ମିଶ୍ର, ସିଦ୍ଧାର୍ଥ ମହାପାତ୍ର, ସୂର୍ଯ୍ୟନାରାୟଣ ସିଂ, ଯଶୋବନ୍ତ ସାହୁ, ଅଶୋକ ସାହୁ, ବିଜୟ ସାହୁ, କେଦାର ସାହୁ, ପ୍ରଦୀପ୍ତ ସାହୁ, ସଂଯୁକ୍ତା ଦାଶ, ସୁବାସ ଦାସ, ବିଚିତ୍ରାନନ୍ଦ ଜେନା, କୃଷ୍ଣଚନ୍ଦ୍ର ନାୟକ, ମଞ୍ଜୁଲତା ଦେବୀ, ସଂଞ୍ଜୁକ୍ତା ଦେବୀ, ନିହାର ରଞ୍ଜନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପଣ୍ଡିତ କଳ୍ପତରୁ ଦାଶ ପରିଚାଳନା କରିଥିଲେ।

## ମହାବିଦ୍ୟାଳୟରେ ସାଂସ୍କୃତିକ ଉତ୍ସବ



**ନେମାଳ, ୬।୨(ସମିସ):** ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରାଧ୍ୟାପକ ଶଙ୍କର ପ୍ରସାଦ ନାୟକଙ୍କ ଦ୍ୱାରା ବାର୍ଷିକ ସାଂସ୍କୃତିକ ଉତ୍ସବ ଉଦଘାଟିତ ହୋଇଯାଉଛି। ଏଥିରେ ମୁଖ୍ୟଅତିଥି ଭାବେ ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ଗଗନ ବିହାରୀ ଦାସ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ବିପିନ ବିହାରୀ ଦାସ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ ପ୍ରତିଯୋଗିତାରେ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ବିଚାରକ ଭାବେ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଲେଫ୍ଟନାଣ୍ଟ ସୁଶାନ୍ତ ସାହୁ ଏବଂ ଅଧ୍ୟାପକ ବିବେକାନନ୍ଦ ଜେନା ପରିଚାଳନା କରିଥିଲେ। ଅଧ୍ୟାପକ ଡ଼. ବିନୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଗ୍ରାମସେବକଙ୍କ ପରଲୋକ



**ନରସିଂହପୁର, ୬।୨(ସମିସ):** ନରସିଂହପୁର ବ୍ଲକ ବାଲିସାହି ପଞ୍ଚାୟତ ବାଲିସାହି ଗ୍ରାମର ଅବସରପ୍ରାପ୍ତ ଗ୍ରାମ ସେବକ ବିଦ୍ୟାଧର ସାହୁ ବୟସ (୮୨)ଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ସ୍ୱର୍ଗତ ବିଦ୍ୟାଧର ସାହୁ ଗ୍ରାମସେବକ ସହିତ ଏକାଧାରାରେ ଜଣେ ସାହିତ୍ୟିକ, ଲେଖକ ଏବଂ ଶାସ୍ତ୍ରୀୟ ଭାଗବତ ସଙ୍ଗୀତ ଗୁରୁ ଭାବରେ ବେଶ୍ ଜଣାଶୁଣା ଥିଲେ। ବଡ଼ମ୍ବା ନରସିଂହପୁରର ଜଣେ ଆଗଧାଡ଼ିର ଅଭିରାମ ଭକ୍ତ ଥିଲେ। ତାଙ୍କ ପରଲୋକ ଖବର ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବନ୍ଧାଲରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଚୌଦ୍ୱାର, ୬।୨(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା ପଞ୍ଚାୟତ ଅନ୍ତର୍ଗତ ବନ୍ଧାଲସ୍ଥିତ ନେତାଜୀ ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ୨୬ତମ କ୍ରିକେଟ ଟୁର୍ଣ୍ଣମେଣ୍ଟ ଉଦଘାଟିତ ହୋଇଯାଇଛି। ଉପଦେଷ୍ଟା ତୀର୍ଥାନନ୍ଦ ସୁବୁଦ୍ଧିରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ। ବ୍ଲକ ଜୁନିୟର ଇଂଜିନିୟର ଶିବ ଶଙ୍କର, ସରପଞ୍ଚ ଦିଲ୍ଲୀପ ଭୋଇ, ଇମ୍ଫାର ବରିଷ୍ଠ ଲୋକସମ୍ପର୍କ ମ୍ୟାନେଜର ମାନସ ରଞ୍ଜନ ବସନ୍ତିଆ, ଅଭିଷେକ ଘୋଷ, ଶରତ ନାୟକ, ଲକ୍ଷ୍ମଣ ରାଉତ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ପଦାଗାଁର ମହାବୀର କ୍ରିକେଟ କ୍ଲବ୍ ଓ ଦେବୀନଗର କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ମହାବୀର ଦଳକୁ ଦେବୀନଗର ହରାଇଥିଲେ। ଦେବୀ ନଗରର ବିଜେନ୍ଦ୍ର ସ୍ୱାଇଁ ସର୍ବାଧିକ ୯୮ ରନ୍ ସଂଗ୍ରହ କରିଥିଲେ। ଏହି ଟୁର୍ଣ୍ଣମେଣ୍ଟରେ ୧୬ଟି କ୍ରିକେଟ ଦଳ ଅଂଶଗ୍ରହଣ କରୁଛନ୍ତି। କ୍ଲବ୍‌ର ନିରଞ୍ଜନ ରାଉତ, ସଂଗ୍ରାମ ସ୍ୱାଇଁ, ଅଜୟ ରାଉତ, ଅଜୟ ସାହୁ, ଭରତ ପ୍ରଧାନ ପ୍ରମୁଖ ସଦସ୍ୟ ପରିଚାଳନା କରିଥିଲେ।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ



**ତିଗିରିଆ ୬।୨ (ସମିସ):** ତିଗିରିଆ ବ୍ଲକ ପ୍ରସନ୍ନ ପୁରୁଷୋତ୍ତମ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୮ ଦିନ ଧରି ଚାଲିଥିବା ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ବିଜୟ ବେହେରାଙ୍କ ପୌରୋହିତ୍ୟରେ ତଥା ଶିବିର ସଂଯୋଜିକା ଅଧ୍ୟାପିକା ପୁଷ୍ପାଞ୍ଜଳି ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଯୁକ୍ତ ଦୁଇ ଶ୍ରେଣୀର ଛାତ୍ରୀମାନେ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ନେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡକ୍ଟର ପତିତପାବନ ପଣ୍ଡା, କ୍ୟାପଟେନ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ପ୍ରଶିକ୍ଷିକା ସଙ୍ଗୀତା ବେହେରା ତାଲିମ ଦେଇଥିଲେ।

## ପ୍ରେମ ପ୍ରତାରଣା; ଅଭିଯୁକ୍ତ ପ୍ରେମିକ ଗିରଫ

**କିଶନନଗର, ୬।୨(ସମିସ):** କିଶନନଗର ଥାନାଞ୍ଚଳର ଜଣେ ଯୁବତୀଙ୍କ ସହ ସାମାଜିକ ଗଣମାଧ୍ୟମରେ ସମ୍ପର୍କ ଯୋଡ଼ିବା ସହ ପ୍ରେମ ଜାଲରେ ଫସାଇ ପ୍ରତାରଣା କରିଥିବା ଅଭିଯୋଗରେ ଚୌଦ୍ୱାର ଥାନା ଆଗ୍ରାହାଟ ଗ୍ରାମର ଜଣେ ଅଭିଯୁକ୍ତକୁ କିଶନନଗର ପୁଲିସ ଗିରଫ କରିଛି। ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ଜଣକ ଶାରୀରିକ ସମ୍ପର୍କ ରଖିଥିଲା। ଯୁବତୀ ଜଣକ ବିବାହ କରିବାକୁ ଜିଦ୍ ଧରିବାରୁ ଅଭିଯୁକ୍ତ ତାଙ୍କୁ ଧମକ ଚମକ ଦେବା ଏବଂ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସବୁକୁ ସୋସିଆଲ ମିଡିଆରେ ଅପଲୋଡ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କିଶନନଗର ଥାନାରେ ଏକ ମାମଲା ରୁଜୁ ପରେ ଥାନାଧିକାରୀ ମାନେଶ୍ୱର ପ୍ରଧାନ ଆଗ୍ରାହାଟର ଅଭିଯୁକ୍ତ ନିହାର ରଞ୍ଜନ ବେହୁରା (୩୪)କୁ ଗିରଫ କରିଛନ୍ତି। ଶୁକ୍ରବାର ଡାକ୍ତରୀ ମାଇନା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ଚୌଦ୍ୱାର କଲେଜରେ ଖାଦ୍ୟ ମେଳା



**ଚୌଦ୍ୱାର, ୬।୨(ସମିସ):** ଚୌଦ୍ୱାର କଲେଜରେ ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ରଛାତ୍ରୀ ଓଡ଼ିଆମାନଙ୍କ ପ୍ରିୟ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ, ଫାଷ୍ଟ ଫୁଡ଼ ଓ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ମେଳାରେ ୫୦ରୁ ଅଧିକ ଷ୍ଟଲ ଖୋଲିଥିଲା। କଲେଜର ଅଧ୍ୟାପନାମଣ୍ଡଳୀ, ଛାତ୍ରଛାତ୍ରୀ ଓ ବହୁ ସଂଖ୍ୟକ ସ୍ଥାନୀୟ ଜନସାଧାରଣ ଏହି ମେଳା ବୁଲି ଦେଖିବା ସହିତ ସ୍ୱାଦିଷ୍ଟ ଖାଦ୍ୟ ସମୂହର ଆନନ୍ଦ ନେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖାଦ୍ୟ ପ୍ରସ୍ତୁତି ପ୍ରତି ଆଗ୍ରହ ଓ ସୃଜନଶୀଳତା ବୃଦ୍ଧି ଲକ୍ଷ୍ୟରେ କଲେଜରେ ଏଭଳି ମେଳାର ଆୟୋଜନ କରାଯାଇଥିବା ବରିଷ୍ଠ ଅଧ୍ୟାପକ ପ୍ରଭାକର ମିଶ୍ର ସୂଚନା ଦେଇଛନ୍ତି। ଅଧ୍ୟାପକ ଅରଣ୍ୟକ ରାଉତରାୟ, ପ୍ରତାପ ଘଡ଼େଇ, କୃଷ୍ଣା କାବେରୀ ଦାସ ପ୍ରମୁଖ ମେଳା ପରିଚାଳନା କରିଥିଲେ।

## ଗ୍ରାମୀଣ ବୈଷୟିକ ଉଦ୍ୟାନ କାର୍ଯ୍ୟର ତଦାରଖ



**କିଶନନଗର, ୬।୨ (ସମିସ):** କଟକ ସଦର ଇଶାଣିବ୍ରହ୍ମପୁର ପଞ୍ଚାୟତର ଖେଣ୍ଟାଳଠାରେ ମହିଳାଙ୍କ ସ୍ୱାବଲମ୍ବନ ପାଇଁ ଓରମାସ ପକ୍ଷରୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନରେ ନିର୍ମାଣାଧୀନ ଆଦିଶକ୍ତି ଗ୍ରାମୀଣ ବୈଷୟିକ ଉଦ୍ୟାନକୁ ଶୁକ୍ରବାର କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଅଚାନକ ଆସି ତଦାରଖ କରିଛନ୍ତି। କାମର ଅଗ୍ରଗତି ହେଉ ନଥିବାରୁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ କନିଷ୍ଠ ଯନ୍ତ୍ରୀ ସତ୍ୟରଞ୍ଜନ ମିଶ୍ରଙ୍କୁ ଚଳିତ ମାସ ଶେଷ ସପ୍ତାହରେ ପ୍ରକଳ୍ପର ଉଦଘାଟନ ପୂର୍ବରୁ ସମସ୍ତ କାର୍ଯ୍ୟ ସାରିବାକୁ ତାଗିଦ୍ କରିଥିଲେ। ଏହି ସମୟରେ କିଶନନଗର ତହସିଲଦାର କ୍ଷୀରୋଦ ଦାଶ, ନିଶ୍ଚିନ୍ତକୋଇଲି ବିଡିଓ ଦ୍ୱିବେନ୍ଦୁ ଦାସଙ୍କ ସମେତ ଆଦିଶକ୍ତିର ସଭାନେତ୍ରୀ ମାନସୀ ଓଝା ଉପସ୍ଥିତ ଥିଲେ।

## ପିଏମ୍‌ଶ୍ରୀ ମୁକ୍ତନାଥ ନୋଡାଲ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା




**ନରସିଂହପୁର, ୬।୨ (ସମିସ):** ନରସିଂହପୁର ବ୍ଲକ ପିଏମଶ୍ରୀ ମୁକ୍ତନାଥ ନୋଡାଲ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ମହୋତ୍ସବ ଶୁକ୍ରବାର ପ୍ରଧାନଶିକ୍ଷକ ଆଲୋକ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ରୂପେ ବାଲିସାହି ସରପଞ୍ଚ ସସ୍ମିତା ସେଠୀ, ମୁଖ୍ୟବକ୍ତା ରୂପେ ପଞ୍ଚାୟତସମିତି ସଭ୍ୟା ମନୋରମା ସେଠୀ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁରେଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ମଦନମୋହନ ବେହେରା, ମୁନା ମଲ୍ଲିକ, ସନ୍ତୋଷ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ସୁଚିତ୍ରାରାଣୀ ରାଉତ, କଲ୍ୟାଣୀ ବସନ୍ତରା, ସଞ୍ଜୀବନୀ ପାଣିଗ୍ରାହୀ, ଝରଣା ସାହୁ ଉପସ୍ଥିତ ଥିଲେ।

## କାନପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ନରସିଂହପୁର, ୬।୨ (ସମିସ):** କାନପୁର ଆଞ୍ଚଳିକ ମହାବିଦ୍ୟାବିଦ୍ୟାଳୟ କାନପୁରରେ ଚଳିତ ବର୍ଷ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ କଟକ ଜିଲ୍ଲା ପରିଷଦ ସଭାପତି କିଶୋରଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନା, ସମିତିସଭ୍ୟ ମହେଶ୍ୱର ସେଠୀ, କାର୍ତ୍ତିକ ବେହେରା, ଛାତ୍ର ସଂସଦ ଉପଦେଷ୍ଟା ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇଥିଲେ। ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ ସାହୁ ପୌରୋହିତ୍ୟ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ବିଦ୍ୟାର୍ଥୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ୧୫ କୋଟି ଟଙ୍କାରେ ୫ ପ୍ରକଳ୍ପର ଶିଳାନ୍ୟାସ



**ମାହାଙ୍ଗା, ୬।୨(ସମିସ):** ଜଳସମ୍ପଦ ବିଭାଗ ପକ୍ଷରୁ ଧର୍ମାଗତପୁର ଜଳସମ୍ପଦ ଅଧିନ ଶାଖା ନାଳଗୁଡ଼ିକର ଉନ୍ନତିକରଣ ଓ କଂକ୍ରିଟ ଲାଇନିଙ୍ଗ କାର୍ଯ୍ୟର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ପ୍ରାୟ ୧୫ କୋଟି ଟଙ୍କାର ୫ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଉଷୁମା, ରାହାଣିଆ, ପାଇକରାପୁର, ଓଷଙ୍ଗ, ଗୋକନ, ପୋଡାମରାଇ, ବରାହିଁପୁରର ଚାଷୀ ଉପକୃତ ହୋଇପାରିବେ। କେନାର ଦୁଇ ପାର୍ଶ୍ୱରେ କଂକ୍ରିଟ ଓାଲ ହେବା ଫଳରେ ରାସ୍ତାଗୁଡ଼ିକର ପ୍ରଶସ୍ତୀକରଣ ହୋଇପାରିବ। ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ଦାସ, ଯନ୍ତ୍ରୀ ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସମିତିସଭ୍ୟ ମନୋରଞ୍ଜନ ନାୟକ, ଭକ୍ତଚରଣ ସ୍ୱାଇଁ, ପ୍ରକାଶଚନ୍ଦ୍ର ନାୟକ, ଆମ୍ବ ଅଧ୍ୟକ୍ଷ କିଶୋର ରାଉତ, ନିର୍ମଳ ରାଉତ, ଜିତେନ୍ଦ୍ର ଶତପଥୀ, ଆଇନଜୀବୀ ଗୌତମ ଶତପଥୀ, ଅଶୋକ ବିଶ୍ୱାଳ, ନବକିଶୋର ବେହେରା, କନକଲତା ବେହେରା, ପ୍ରାକ୍ତନ ସରପଞ୍ଚ ଅଭିନ୍ନ ଜେନା, ସୁରେଶ ମହାନ୍ତି, ନିରଞ୍ଜନ ସାମଲ, ରମେଶ ସ୍ୱାଇଁ, ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

# ଶିକ୍ଷକଙ୍କୁ ତାଲିମ 'ପ୍ରବୋଧନ' ସମ୍ପୂର୍ଣ୍ଣ




**ବଡମ୍ବା, ୬।୨(ସମିସ):** ବଡମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସମାପନ ହୋଇଛି ତାଲିମ ଶିବିର ପ୍ରବୋଧନ। ଫେବୃଆରୀ ୨ ତାରିଖରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ସମ୍ପୂର୍ଣ୍ଣ ତତ୍ତ୍ୱାବଧାନରେ ସାଧନ କର୍ମୀ ଭାବେ ସିଆରସିସି ରମେଶଚନ୍ଦ୍ର ନାୟକ, ରାଜେଶ କୁମାର ମହାପାତ୍ର, ସହକାରୀ ଶିକ୍ଷକ ଗୋବିନ୍ଦଚନ୍ଦ୍ର ଗୋଛି, ଗୋବିନ୍ଦଚନ୍ଦ୍ର ବେହେରା ୧୦୦ ଜଣ ଶିକ୍ଷକ ତାଲିମ ଗ୍ରହଣ କରିଥିଲେ। ନୂତନ ଶିକ୍ଷାନୀତି ଲାଗୁ ହେବା ପରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ନୂତନ ବିଷୟରେ କିପରି ଅଭ୍ୟସ୍ତ ହେବେ ସେହି ଉପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିଲା। ଭାରତୀୟ ସଂସ୍କୃତି, ପରମ୍ପରା ଏବଂ ସମସ୍ତ ଭାଷାର ଜନନୀ ସଂସ୍କୃତ ଉପରେ ଆଧାରିତ ସମ୍ପୂର୍ଣ୍ଣ ସିଲାବସର ସଠିକ ରୂପାୟନ କିପରି ହେବ ଏବଂ ପିଲାମାନେ କିପରି ସହଜ ଭାବରେ ନୂତନ ପାଠ୍ୟକ୍ରମକୁ ସଠିକ ଢଙ୍ଗରେ ବୁଝିପାରିବେ ସେହି ଉପରେ ଗୁରୁତ୍ୱ ଦିଆଯାଇଅଛି। ୫ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ମଣ୍ଡଳ ସହ ଶିକ୍ଷାଧିକାରୀ ଶିବପ୍ରସାଦ ବ୍ରହ୍ମା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱଜିତା ଚୌଧୁରୀ ଉପସ୍ଥିତ ଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# ଚୋରିର ୨୩ ଦିନ ପରେ ବି ପୁଲିସ ହାତ ଖାଲି

**ନିଶ୍ଚିନ୍ତକୋଇଲି, ୬।୨(ସମିସ):** ନିଶ୍ଚିନ୍ତକୋଇଲି ଥାନାରେ ଗତ ଜାନୁଆରୀ ୧୫ ତାରିଖରେ ଏକ ଚୋରି ମାମଲା ରୁଜୁ ହୋଇଥିଲେ ମଧ୍ୟ ପୁଲିସ କୌଣସି ସୁରାକ୍ ସୁଦ୍ଧା ପାଇପାରି ନଥିବା ଅଭିଯୋଗ ହେଉଛି। କଟିକଟା ପଞ୍ଚାୟତ ପଶ୍ଚିମଖଣ୍ଡଭୋଳ ଗ୍ରାମର ଶରତ କୁମାର ମହାନ୍ତି ଏ ସଂକ୍ରାନ୍ତରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ କରିବାର ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ଏବେ ବି ପୁଲିସର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗି ନଥିବା ଅଭିଯୋଗ ହେଉଛି। ଘଟଣାରୁ ପ୍ରକାଶ ଗତ ଜାନୁୟାରୀ ୧୪ ତାରିଖ ରାତିରେ ଶ୍ରୀ ମହାନ୍ତିଙ୍କ ପରିବାରର ଅନୁପସ୍ଥିତିରେ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଥିଲେ। ସମସ୍ତ ଗହଣାଗାଣ୍ଠି, ନଗଦ ଟଙ୍କା, ବହୁ ଦରକାରୀ କାଗଜପତ୍ରକୁ ଚୋରି କରି ନେଇଥିଲେ। ପନୋଶୀଙ୍କଠାରୁ ଖବର ପାଇ ଶ୍ରୀ ମହାନ୍ତି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ପକ୍ଷରୁ କେବଳ ଗୋଟିଏ ମାମଲା ରୁଜୁ କରାଯାଇଛି ହେଲେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଶ୍ରୀ ମହାନ୍ତି ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଶିକ୍ଷୟିତ୍ରୀ ବଦଳି ନେଇ ଅଭିଭାବକଙ୍କ ଜିଦ୍

**ନିଶ୍ଚିନ୍ତକୋଇଲି, ୬।୨(ସମିସ)**

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱାଭାବିକସ୍ଥିତି ଫେରିନାହିଁ। ଶୁକ୍ରବାର ଏହି ବିଦ୍ୟାଳୟରେ ଅଧ୍ୟୟନରତ ମୋଟ ୯୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୬ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିଥିଲେ। ପ୍ରଥମ

**୯୧ରୁ ମାତ୍ର ୬ ଛାତ୍ରଛାତ୍ରୀ ବିଦ୍ୟାଳୟ ଆସିଲେ**

ଶ୍ରେଣୀରେ ଜଣେ ଛାତ୍ର ଆସିଥିଲା ବେଳେ ତୃତୀୟ ଓ ଚତୁର୍ଥ ଶ୍ରେଣୀର ୨ ଜଣ ଲେଖାଏଁ ଓ ଜଣେ ସପ୍ତମ ଶ୍ରେଣୀର ଛାତ୍ର ଆସିଥିବା ଜଣାଯାଇଛି। ମଧ୍ୟାହ୍ନରେ ଜଣେ ଛାତ୍ର ଘରକୁ ପଳାଇଯାଇଥିବା ଦେଖାଯାଇଥିଲା। ୫ ଜଣ ଛାତ୍ରଛାତ୍ରୀଙ୍କୁ ଦୁଇ ଜଣ ଶିକ୍ଷୟିତ୍ରୀ ଗୋଟିଏ ଶ୍ରେଣୀ ଗୃହରେ ବସାଇ ପାଠ ପଢ଼ାଉଥିଲେ। ତେବେ, ୫ ଦିନ ହେବ ବିଦ୍ୟାଳୟକୁ ଜଣେ ହେଲେ ଛାତ୍ରଛାତ୍ରୀ ଆସୁନଥିବା ବେଳେ ଗୁରୁବାର ୬ ଜଣ ଛାତ୍ରଛାତ୍ରୀ ଆସିଥିବା ଦେଖି ଆସ୍ତେ ଆସ୍ତେ ଛାତ୍ରଛାତ୍ରୀମାନେ ଅଧିକ ସଂଖ୍ୟାରେ ଆସିବେ ବୋଲି ଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏହି ବିଦ୍ୟାଳୟରୁ ୨ ଜଣ ଶିକ୍ଷୟିତ୍ରୀଙ୍କୁ



ବଦଳି କରାଯିବା ପାଇଁ ଯେଉଁ ଅଭିଭାବକମାନେ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ବାରମ୍ବାର ଜଣାଇଛନ୍ତି ସେହି ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଉ ନଥିବା ଦେଖାଯାଇଛି। ଗୋଟିଏପଟରେ ଶିକ୍ଷୟିତ୍ରୀଙ୍କ ବଦଳି ନହେଲେ ପିଲାଙ୍କୁ ସ୍କୁଲ ପଠାଇବା ପାଇଁ ଅଭିଭାବକମାନେ ଜିଦ୍ ଧରିଥିବା ବେଳେ ମଣ୍ଡଳ ଶିକ୍ଷାଧିକାରୀ ଜଣକ ଅଭିଭାବକଙ୍କ କଥାକୁ ଗୁରୁତ୍ୱ ନଦେଇ ଶିକ୍ଷୟିତ୍ରୀଙ୍କୁ ବଦଳି କରିବା ପାଇଁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇ ନଥିବା ଜଣାଯାଇଛି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ବିଦ୍ୟାଳୟରେ ଥିବା ଦୁଇ ଜଣ ଶିକ୍ଷୟିତ୍ରୀ ଏହି ବିଦ୍ୟାଳୟରେ ରହିବା ପାଇଁ ଚାହୁଁନଥିବା ସାଧାରଣରେ ଆଲୋଚନା ହେଉଥିଲା ବେଳେ ମଣ୍ଡଳ ଶିକ୍ଷାଧିକାରୀଙ୍କ ଏହି ଜିଦ୍‌ଖୋର୍ ନୀତିକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହି ଦୁଇ ଜଣ ଶିକ୍ଷୟିତ୍ରୀଙ୍କୁ ଉକ୍ତ ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରାଯାଇ ଏଠାରେ ନୂତନ ଶିକ୍ଷକ ନିଯୁକ୍ତି କରି ବିଦ୍ୟାଳୟର ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି।

## ପାଣି ଅଭାବରୁ ମଧ୍ୟାହ୍ନ ଭୋଜନରେ ବିଳମ୍ବ

ଏହି ସ୍କୁଲରେ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ପାଇବା ପରେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ସେଠାରେ ଦେଖିବା ବେଳକୁ ଅପରାହ୍ନ ୧ଟା ସୁଦ୍ଧା ମଧ୍ୟାହ୍ନ ଭୋଜନ ପାଇଁ ଚୁଲି ଲାଗି ନଥିଲା। ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା କର୍ମଚାରୀ ମଧ୍ୟ ରୋଷେଇ ନକରି ଘରକୁ ଚାଲିଯାଇଥିଲେ। ଜନସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁଁ ଏଠାରେ ନିୟମିତ ରୋଷେଇ ହୋଇପାରୁ ନଥିବା ଜଣାପଡ଼ିଛି। ସ୍କୁଲକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ସଂଯୋଗ କରାଯାଇଥିଲେ ମଧ୍ୟ ଆଜି ଦିନତମାମ ପାଣି ଆସି ନଥିଲା। ଅନ୍ୟପକ୍ଷରେ ସ୍କୁଲ ନିକଟରେ ଥିବା ନଳକୂଅଟି ମଧ୍ୟ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିବା ସହ ଗୋଳିଆ ପାଣି ବାହାରୁଛି। ତେଣୁ ସେ ପାଣି ବ୍ୟବହାର ଉପଯୋଗୀ ନଥିବା ଯୋଗୁଁ ଆଜି ସ୍କୁଲରେ ରୋଷେଇ ହୋଇ ପାରିନଥିବା ପାଚିକା ଓ ସହାୟିକା କହିଥିଲେ। ଖବର ପାଇ ସ୍କୁଲରେ ସିଆରସିସି ପହଞ୍ଚି ଘଟଣାର ତଦାରଖ କରିବାପରେ ପାଚିକାମାନେ ନିକଟସ୍ଥ ଜଣଙ୍କ ଘରୁ ପାଣି ଆଣି ପ୍ରାୟ ୧ଟା ୩୦ ମିନିଟ ବେଳକୁ ଚୁଲି ଲଗାଇ ରୋଷେଇ ଆରମ୍ଭ କରିଥିଲେ। ତେଣୁ କୁନିକୁନି ପିଲାମାନେ ରୋଷେଇ ଶେଷ ହେବା ପର୍ଯ୍ୟନ୍ତ ଭୋକରେ ଆଉଟୁ ପାଉଟୁ ହେଉଥିବା ଦେଖିବାକୁ ମିଳିଥିଲା।

